# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 20th April - 2025

******************************************

*Desk*

## ଓ.ଆଇ.ଏସ୍.ଏଫ୍.

ଓଡ଼ିଶା ଇଣ୍ଡିଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସ - ଓ.ଆଇ.ଏସ୍.ଏଫ୍.ର ଆଉ ଏକ ବାଟାଲିୟନ୍‌କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିଛନ୍ତି । ଏଥିପାଇଁ ୧ ହଜାର ୪୦ଟି ନୂତନ ପଦବି ସୃଷ୍ଟି କରାଯାଇଛି । ରାଜ୍ୟରେ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକର ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ନୂତନ ବାଟାଲିୟନ୍‌କୁ ମଞ୍ଜୁରି ମିଳିଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି ।

*Desk*

## ଆଇ.ଟି. ପାର୍କ

କଟକ-ଭୁବନେଶ୍ୱରରେ ହଜାରେ ଏକର ଜମିରେ ନୂଆ ଆଇ.ଟି. ପାର୍କ ପ୍ରତିଷ୍ଠା ହେବ ବୋଲି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଆଇ.ଟି. କ୍ଷେତ୍ରପାଇଁ ପ୍ଲଗ୍ ଆଣ୍ଡ୍ ପ୍ଲେ ସୁବିଧା ଥିବା ବିଲ୍ଟ୍ ଅପ୍ ଏରିଆ ନିର୍ମାଣ କରାଯିବ । ସେହିଭଳି ଆଗାମୀ ୫ ବର୍ଷରେ ସଡ଼କ ନିର୍ମାଣରେ ୨ ଲକ୍ଷ ୩୦

ହଜାର କୋଟି ଟଙ୍କା ଓ ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା କରାଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ।

***Desk***

## ସୁଭଦ୍ରା ଯୋଜନା

ସୁଭଦ୍ରା ଯୋଜନାରେ ଷଷ୍ଠ ପର୍ଯ୍ୟାୟ ସହାୟତା ରାଶି ଆସନ୍ତା ୨୪ ତାରିଖ ଦିନ ପଞ୍ଚାୟତିରାଜ ଦିବସ ଅବସରରେ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ।

***Voice :.......***

***Desk***

## ୱେଭ୍‌ସ୍

ବ୍ୟାପକ ସୃଜନଶୀଳ ସମାଧାନପାଇଁ ନିର୍ମାତା, କ୍ରେତା ଏବଂ ବଜାର ମଧ୍ୟରେ ଏକ ବିଶ୍ୱ ସଂଯୋଗକାରୀ ଭାବେ ବିଶ୍ୱ ଦୃଶ୍ୟ-ଶ୍ରାବ୍ୟ ଓ ମନୋରଞ୍ଜନ ସମ୍ମିଳନୀ - ୱେଭ୍‌ସ ଉଭା ହୋଇଛି ବୋଲି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଆସନ୍ତା ମାସ ପହିଲାରୁ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇରେ ଆୟୋଜିତ ହେବାକୁ ଥିବା ୱେଭ୍‌ସ ସମ୍ମିଳନୀ ପୂର୍ବରୁ ଗତକାଲି ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନଙ୍କ ସହ ଶ୍ରୀ ବୈଷ୍ଣବ ଆଲୋଚନା

କରିଛନ୍ତି । ନିର୍ମାତାଙ୍କ ଦୁନିଆ ଏବଂ ସେମାନଙ୍କର ଅର୍ଥ ବ୍ୟବସ୍ଥା ଏକ ମୌଳିକ ପରିବର୍ତ୍ତନ ଦେଇ ଗତି କରୁଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

***BBSR/R***

## ଶିକ୍ଷକ-ଅଭିଭାବକ ବୈଠକ

ଚଳିତ ଶିକ୍ଷାବର୍ଷ ୨୦୨୫-୨୬ର ପ୍ରଥମ ଶିକ୍ଷକ-ଅଭିଭାବକ ବୈଠକ ରାଜ୍ୟର ବିଭିନ୍ନ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଦ୍ୟାଳୟ ଶିକ୍ଷା ଏବଂ ଛାତ୍ରଛାତ୍ରୀଙ୍କର ଗୁଣାତ୍ମକ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା । ଶୈକ୍ଷିକ କ୍ୟାଲେଣ୍ଡର, ମାଗଣାରେ ପାଠ୍ୟପୁସ୍ତକ ଯୋଗାଣ, ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା, ବିଦ୍ୟାଳୟ ବାହାରେ ଥିବା ପିଲାଙ୍କ ସର୍ବେକ୍ଷଣ ଏବଂ ଗ୍ରୀଷ୍ମ ଅବକାଶରେ ଗୃହକାର୍ଯ୍ୟ ଆଦି ବିଷୟକୁ ଗୁରୁତ୍ୱ ଦିଆଯାଇଥିଲା । ଚଳିତ ଶିକ୍ଷାବର୍ଷରେ ମୋଟ୍ ୪ଟି ଶିକ୍ଷକ-ଅଭିଭାବକ ବୈଠକ ହେବା ନେଇ ସରକାର ନିଷ୍ପତ୍ତି ନେଇଛନ୍ତି ।

***Desk***

## ଜେ.ଇ.ଇ. ମେନ୍

ଜାତୀୟ ପରୀକ୍ଷଣ ସଂସ୍ଥା - ଏନ୍.ଟି.ଏ. ଦ୍ୱାରା ପରିଚାଳିତ ଜେ.ଇ.ଇ. ମେନ୍-୨୦୨୫ ପରୀକ୍ଷାରେ ଓଡ଼ିଶାର ଓମ୍ ପ୍ରକାଶ ବେହେରା ୧୦୦ ପର୍ସେଣ୍ଟାଇଲ୍ ବା ଶତ ପ୍ରତିଶତ ମାର୍କ ରଖିଛନ୍ତି । ସୂଚନା ଅନୁସାରେ,

ଗତକାଲି ଜେ.ଇ.ଇ. ମେନ୍ ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ମୋଟ ୨୪ ଜଣ ଛାତ୍ରଛାତ୍ରୀ ଶତ ପ୍ରତିଶତ ମାର୍କ ରଖିଛନ୍ତି ।

*Desk*

## ବାଲୁକା ଶିଳ୍ପୀ

ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କୁ ବ୍ରିଟେନ୍‌ର ସମ୍ମାନଜନକ 'ସ୍ୟାଣ୍ଡ୍ ମାଷ୍ଟର୍ ଆୱାର୍ଡ଼'ରେ ସମ୍ମାନିତ କରାଯାଇଥିବାରୁ ଗତକାଲି ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ବ୍ରିଟେନ୍‌ର ଡୋର୍‌ସେଟ୍ ଅଞ୍ଚଳର ୱେମାଉଥ୍‌ଠାରେ ଆୟୋଜିତ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବରେ ଶ୍ରୀ ପଟ୍ଟନାୟକଙ୍କୁ ପ୍ରଥମ ଭାରତୀୟ ଭାବେ ଏହି ସମ୍ମାନ ପ୍ରଦାନ କରାଯାଇଛି ।

*Ganjam/R*

## ପଞ୍ଚଠାକୁରାଣୀ ଯାତ୍ରା

ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁରଠାରେ ଦ୍ୱିବାର୍ଷିକ ପଞ୍ଚଠାକୁରାଣୀ ଯାତ୍ରା ଆସନ୍ତାମାସ ୭ ତାରିଖରୁ ଜୁନ୍ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ସହରରେ ଥିବା ଅଧିଷ୍ଠାତ୍ରୀ ଦେବୀ ମା' କନ, ମା' କନକ ଠାକୁରାଣୀ, ତାରାତାରିଣୀ, କାଳୁଆ, ଫୁଲସୁନ୍ଦରୀ ଆଦି ପଞ୍ଚଠାକୁରାଣୀଙ୍କୁ ନେଇ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯିବାର ପରମ୍ପରା ରହିଛି ।

***Desk***

## ଇଷ୍ଟର

ଯିଶୁଖ୍ରୀଷ୍ଟଙ୍କ ପୁନରୁତ୍ଥାନ ଦିବସକୁ ସ୍ମରଣ କରି ସମଗ୍ର ବିଶ୍ୱରେ ଆଜି ଇଷ୍ଟର ପର୍ବ ପାଳନ କରାଯାଉଛି । ଶୁଭ ଶୁକ୍ରବାର ଦିନ କାଲ୍‌ଭାରୀଠାରେ ଯିଶୁଖ୍ରୀଷ୍ଟଙ୍କୁ କ୍ରୁଶବିଦ୍ଧ କରାଯିବା ପରେ ରବିବାର ଦିନ ତାଙ୍କର ପୁନରୁତ୍ଥାନ ଦିବସ ପାଳନ କରାଯାଇଥାଏ । ଏହି ଅବସରରେ ବିଭିନ୍ନ ଗୀର୍ଜାରେ ସ୍ୱତନ୍ତ୍ର ସମାବେଶ ଅନୁଷ୍ଠିତ ହେଉଛି ।

***Desk***

## କଳିଙ୍ଗ ସୁପର୍ କପ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଆଜିଠାରୁ କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ସଂସ୍କରଣ ଖେଳାଯିବ । ସର୍ବଭାରତୀୟ ଫୁଟବଲ ମହାସଂଘ, ଓଡ଼ିଶା ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶାର ମିଳିତ ସହଯୋଗରେ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟରେ ୧୫ଟି ଦଳ ଅଂଶଗ୍ରହଣ କରୁଛନ୍ତି । ଏହି ପ୍ରତିଯୋଗିତାରେ ମୋହନ ବାଗାନ ସିଧାସଳଖ କ୍ୱାର୍ଟରଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଛି । ଏହି ଟୁର୍ଣ୍ଣାମେଣ୍ଟ ମେ’ ୩ ତାରିଖ ପର୍ଯ୍ୟନ୍ତ ଚାଲିବ ।

*Ganjam/R*

# ସମୀକ୍ଷା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୨୭ ତାରିଖରେ ଗଞ୍ଜାମ ଜିଲ୍ଲାର ଭୀମ୍‌ପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହାକୁ ଦୃଷ୍ଟିରେ ରଖି ଗତକାଲି ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ ବିଦ୍ୟାଳୟରେ ସମସ୍ତ ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି ।

*Desk*

# ପାଣିପାଗ

ରାଜ୍ୟର କେତେକ ସ୍ଥାନରେ ଗତ ୩ ଦିନ ଧରି ଲାଗି ରହିଥିବା କାଳବୈଶାଖୀଜନିତ ବର୍ଷାର ପ୍ରଭାବରେ ବିଭିନ୍ନ ସ୍ଥାନରେ ତାପମାତ୍ରା ସାମାନ୍ୟ ହ୍ରାସ ପାଇଛି । ତେବେ ପଶ୍ଚିମ ଓଡ଼ିଶାର ୧୦ଟି ସ୍ଥାନରେ ଗତକାଲି ଦିନର ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରେକର୍ଡ଼ ହୋଇଛି । ଝାରସୁଗୁଡ଼ାରେ ସର୍ବୋଚ୍ଚ ତାପମାତ୍ରା ୪୨ ଡିଗ୍ରୀ ସେଲ୍‌ସିୟସ୍ ରହିଥିଲା । ଅପରପକ୍ଷରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୨୪ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

*****